# ବିଭିନ୍ନ ପର୍ବୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ସାଂସ୍କୃତିକ ଦଳମାନଙ୍କ ପଞ୍ଜୀକରଣ ସଂକ୍ରାନ୍ତୀୟ ମାର୍ଗଦର୍ଶିକା/ନିୟମାବଳୀ

## Rules /Guidelines for Deputation of Cultural Troupe ( for Troupe)

| କ୍ରମିକ ସଂଖ୍ୟା | ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ନିୟମ ବିବରଣୀ |
|---|---|
| **Sl.No.** | **Rules/Guidelines for Performance of Cultural Programme** |
| ୧ | ବିଭିନ୍ନ ପର୍ବୋତ୍ସବ ଅବସରରେ ସାଧାରଣତଃ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁରୋଧ କ୍ରମେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ବିଭିନ୍ନ ସାଂସ୍କୃତିକ ଦଳମାନ ପ୍ରେରଣ କରାଯାଇ ଥାଏ । |
| 1. | The cultural troupes generally deputed on request for performance of programme on the various festive occasions by Odia Language, Literature and Culture Deptt. |
| ୨ | ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଅନୁମୋଦିତ ପରିବେଷଣ ମୂଲ୍ୟରେ ସାଧାରଣତଃ ବିଭାଗ ପକ୍ଷରୁ ସାଂସ୍କୃତିକ ଦଳମାନ ପ୍ରେରଣ କରାଯାଇ ଥାଏ । |
| 2. | Department deputes troupe on departmentally approved rate. |
| ୩ | ସାଧାରଣତଃ ପ୍ରତିମାସର ୧ ତାରିଖ ଠାରୁ ୧୦ ତାରିଖ (କାର୍ଯ୍ୟାଳୟ ଦିବସ ) ମଧ୍ୟରେ ପୂର୍ବ ମାସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ସାଂସ୍କୃତିକ ଦଳମାନଙ୍କ ପାଉଣା ପ୍ରଦାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । |
| 3. | Payment calculation of the troupe will be done within 1st to 10th working day of next month by the designated authority. |
| ୪ | ବିଭାଗ ଅଧୀନରେ ପଞ୍ଜୀକୃତ ହୋଇଥିବା ସାଂସ୍କୃତିକ ଦଳମାନେ ତାଙ୍କ ପରିବେଷଣରେ କୌଣସି ଅଶ୍ଳୀଳତା /ଅଶିଷ୍ଟତାକୁ ପ୍ରଶ୍ରୟ ଦେବେ ନାହିଁ । କୌଣସି ଦ୍ୱି-ଅର୍ଥ ବୋଧକ ଭାଷା ବା ଅଶ୍ଳୀଳ ଭାଷା କିମ୍ବା ଅଶ୍ଳୀଳ ଇଙ୍ଗିତକୁ ମଧ୍ୟ ପରିହାର କରିବେ ଯାହାକି ମହିଳା ଏବଂ କୋମଳମତି ଶିଶୁମାନଙ୍କୁ ଅବବୋଧ ନ ହେବ । ପରିବେଷଣରେ ଯେମିତି କୌଣସି ଧର୍ମ, ସଂପ୍ରଦାୟ, ଲୋକ ବିଶ୍ୱାସ ଆଦିକୁ କୌଣସି ପ୍ରକାର ଆଘାତ ନ ଦିଏ, ସେଥିପ୍ରତି ପଞ୍ଜୀକୃତ ଦଳମାନେ ବିଶେଷ ଧ୍ୟାନ ଦେବେ । |
| 4. | All the empanelled/troupes (existing list of various art forms) of Deptt. of OLL&C shall be requested not to present any obscene/vulgar performance. The use of dialogues / gestures/action sequences shall not berate women and children. The performers should not use coarse language with double meaning having implicit or overtones. It should not trigger hatred and disturb peace and harmony in the society with and shall bear respect shown to all religion, faith and sects. |

| | |
|---|---|
| ୫. | ବିଭାଗ ଅଧୀନରେ ପଞ୍ଜୀକୃତ ହୋଇଥିବା ସାଂସ୍କୃତିକ ଦଳମାନେ ବିଭାଗ ପକ୍ଷରୁ ପ୍ରେରଣ କରାଯାଇଥିବା କାର୍ଯ୍ୟକ୍ରମ ପରିବେଷଣ ସମୟରେ ପରିବେଷଣ ମଞ୍ଚରେ **ସୌଜନ୍ୟ :ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର ଲେଖା ହୋଇଥିବା** ଏକ ବ୍ୟାନର ଲଗାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । |
| 5. | All the empanelled/ troupes (existing list of various art forms) of Deptt. of OLL&C shall be requested to display a banner on the stage with the caption "**Courtesy: Department of Odia, Language, Literature and Culture, Govt. of Odisha**" during the programme . |
| ୬. | ବିଭାଗ ଅଧୀନରେ ପଞ୍ଜୀକୃତ ହୋଇଥିବା ସାଂସ୍କୃତିକ ଦଳମାନେ ତାଙ୍କ ଦଳର ସମସ୍ତ କଳାକାର ମାନଙ୍କ ବିବରଣୀ ସହ କଳାକ୍ଷେତ୍ର ରହିଥିବା ତାଙ୍କ ଉତ୍କର୍ଷତା ସମ୍ବନ୍ଧୀୟ  ବିବରଣୀ ଦାଖଲ କରିବେ । ଏତଦବ୍ୟତୀତ, ବର୍ଷକୁ ଥରେ ନିଜ ସାଂସ୍କୃତିକ ଦଳକୁ ନୂତନ ଭାବେ ପୁନଃ ପଞ୍ଜିକୃତ କରିବେ । |
| 6. | All the empanelled/ troupes (existing list of various art forms) of Deptt. of OLL&C shall be requested to furnish the details of artist of their troupe at least once in a year for re-newal of existing list of various art forms etc. |
| ୭. | ବିଭାଗ ଅଧୀନରେ ପଞ୍ଜୀକୃତ ହୋଇଥିବା ସାଂସ୍କୃତିକ ଦଳମାନେ ତାଙ୍କର ପ୍ରତ୍ୟେକ ପରିବେଷଣର ଫଟୋ ଓ ଭିଡିଓ ପ୍ରମାଣ ଆଦି ବିଭାଗ ଦ୍ୱାରା ଅନୁମୋଦିତ ପରିବେଷଣ ରିପୋର୍ଟ ଫର୍ମରେ ପରିବେଷଣ ପ୍ରାପ୍ୟ ନିମନ୍ତେ ବିଭାଗରେ ଦାଖଲ କରିବେ । |
| 7. | All the empanelled/ troupes (existing list of various art forms) of Deptt. of OLL&C shall be requested to furnish the photo/video proof of performance with detail of performance, etc ,of each programme as directed by OLLC for processing of payment. |
| ୮. | ପଞ୍ଜୀକୃତ ସାଂସ୍କୃତିକ ଦଳମାନଙ୍କୁ  ଘୂର୍ଣ୍ଣନ- କ୍ରମାନ୍ୱୟ ପ୍ରକ୍ରିୟା କ୍ରମରେ  ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ସୁଯୋଗ ଦିଆଯିବ । |
| 8. | Troupes will be allotted performance opportunity on rotation basis. |
| ୯. | ପଞ୍ଜୀକୃତ ସାଂସ୍କୃତିକ ଦଳମାନଙ୍କ ପରିବେଷଣର ଉତ୍କୃଷ୍ଟତାକୁ ବିଭିନ୍ନ ସମୟରେ ସମୀକ୍ଷା କରାଯାଇ ନିମ୍ନମାନର ପରିବେଷଣ କରିଥିବା ଦଳମାନଙ୍କୁ ଚିହ୍ନଟ କରାଯାଇ ଉନ୍ନତମାନ  ପରିବେଷଣ ନିମନ୍ତେ ପରାମର୍ଶ ଦିଆଯିବ ଏବଂ ଆବଶ୍ୟକ ସ୍ଥଳେ ଉକ୍ତ ନିମ୍ନମାନର ସାଂସ୍କୃତିକ ଦଳମାନଙ୍କୁ ତାଲିକାରୁ ବାଦ ଦିଆଯିବ । |
| 9. | Identification and elimination of bogus troupes if any, shall be carried out on regular basis, after reviewing their performances. |